# NATIONAL NEWS BULLETIN (ODIA)
## 10th August - 2025
## Morning Bulletin : 7.15 a.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯାଇ ଆଜି ୧୫ ହଜାର କୋଟିରୁ ଅଧିକ ଟଙ୍କାର ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ୟୁକ୍ରେନ୍‌ରେ ସଂଘର୍ଷ ଶେଷ କରିବା ଉଦ୍ଦେଶ୍ୟରେ ଆମେରିକା-ରୁଷ୍ ବୁଝାମଣାକୁ ସ୍ୱାଗତ କଲା ଭାରତ ।
- ବିଶ୍ୱରେ ସିଂହଙ୍କ ସଂରକ୍ଷଣକୁ ଅଗ୍ରାଧିକାର ଦେଇ ଆଜି ପାଳନ କରାଯାଉଛି ବିଶ୍ୱ ସିଂହ ଦିବସ ।
- ପୃଥିବୀ ପୃଷ୍ଠକୁ ସୁରକ୍ଷିତ ଭାବେ ଫେରିଲେ ୪ ଜଣ ମହାକାଶଚାରୀ ।

ଏବଂ

- ଡୁରାଣ୍ଡ କପ୍ କ୍ୱାର୍ଟର ଫାଇନାଲ୍‌କୁ ଉନ୍ନୀତ ହେଲା ମୋହନ ବାଗାନ ସୁପରଜାଏଣ୍ଟ ।

# ପି.ଏମ୍. - କର୍ଣ୍ଣାଟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନିକିଆ କର୍ଣ୍ଣାଟକ ଗସ୍ତରେ ଯିବେ । ଏହି ଗସ୍ତ କାଳରେ ଶ୍ରୀ ମୋଦୀ ବେଙ୍ଗାଲୁରୁର କେ.ଏସ୍.ଆର୍. ରେଳ ଷ୍ଟେସନ୍‌ରେ ତିନୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ବେଙ୍ଗାଲୁରୁରୁ ବେଲାଗାଭି, ଅମ୍ରିତସରରୁ ଶ୍ରୀ ମାତା ବୈଷ୍ଣୋଦେବୀ କାତ୍ରା ଏବଂ ନାଗପୁରରୁ ପୁନେକୁ ଏହି ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ । ପରେ ପ୍ରଧାନମନ୍ତ୍ରୀ ସେଠାରେ ନୂତନ ବେଙ୍ଗାଲୁରୁ ମେଟ୍ରୋ ୟେଲୋ ଲାଇନ୍‌ର ଶୁଭାରମ୍ଭ କରିବା ସହ ଆର୍.ଭି. ରୋଡ୍‌ରୁ ରାଗିଗୁଡ଼ା ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁଠାରେ ସହରାଞ୍ଚଳ ସଂଯୋଗୀକରଣ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ମୋଦୀ ୧୫ ହଜାର ୬୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବାଙ୍ଗାଲୁରୁ ତୃତୀୟ ପର୍ଯ୍ୟାୟ ମେଟ୍ରୋ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ମେଟ୍ରୋ ଟ୍ରେନ୍ ପ୍ରକଳ୍ପର ଲମ୍ବ ୪୪ କିଲୋମିଟରରୁ ଅଧିକ ରହିଥିବାବେଳେ ୩୧ଟି ଏଲିଭେଟେଡ୍ ଷ୍ଟେସନ୍ ରହିବ । ଦକ୍ଷିଣ-ପଶ୍ଚିମ ରେଳବାଇର ମହାପ୍ରବନ୍ଧକ

ମୁକୁଲ ଚନ୍ଦ୍ର ମାଥୁର କହିଛନ୍ତି, ହାଇସ୍ପିଡ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଆଞ୍ଚଳିକ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ।

***Voice (Mukul)*** :.........

## ଇ.ସି. - ରୁପ୍

ନିର୍ବାଚନ ଆୟୋଗ ୩୩୪ଟି ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକୁ ତାଲିକାରୁ ବାଦ୍ ଦେଇଛନ୍ତି । ୨୦୧୯ ପରଠାରୁ ୬ ବର୍ଷ ମଧ୍ୟରେ ସେହି ଦଳଗୁଡ଼ିକ ସର୍ତ୍ତ ମୁତାବକ ଗୋଟିଏ ବି ନିର୍ବାଚନ ଲଢ଼ି ନାହାନ୍ତି । ସେହି ଦଳଗୁଡ଼ିକର କାର୍ଯ୍ୟାଳୟ ମଧ୍ୟ କେଉଁଠାରେ ରହିଛି, ତାହା ଠାବ କରାଯାଇପାରି ନାହିଁ । ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଏହି ଦଳ ପଞ୍ଜୀକୃତ ହୋଇଥିଲା । ଜନ ପ୍ରତିନିଧିତ୍ୱ ଆଇନ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଦଳଗୁଡ଼ିକ ପଞ୍ଜୀକୃତ ହୋଇଥିଲେ ।

## ଇଣ୍ଡିଆ-ୟୁ.ଏସ୍.-ରୁଷ୍

ଚଳିତ ମାସ ୧୫ ତାରିଖରେ ଆଲାସ୍କାରେ ହେବାକୁ ଥିବା ବୈଠକପାଇଁ ଆମେରିକା ଏବଂ ରୁଷ୍ ମଧ୍ୟରେ ହୋଇଥିବା ବୁଝାମଣାକୁ ଭାରତ ସ୍ୱାଗତ କରିଛି । ଏକ ବିବୃତ୍ତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ୟୁକ୍ରେନ୍‌ରେ

ଚାଲିଥିବା ସଂଘର୍ଷ ଶେଷ କରିବା ଏବଂ ଦୁଇ ଦେଶ ମଧ୍ୟରେ ଶାନ୍ତି ସ୍ଥାପନ କରିବା ଲାଗି ଏହି ବୈଠକ ଫଳପ୍ରଦ ହେବ । ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ସମୟ ଯୁଦ୍ଧର ସମୟ ନୁହେଁ ବୋଲି କହିଆସିଛନ୍ତି । ଭାରତ ଏଭଳି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାକୁ ସବୁବେଳେ ସ୍ୱାଗତ ଏବଂ ସମର୍ଥନ କରିଥାଏ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ୟୁରୋପିଆନ ଲିଡର୍ସ - ୟୁକ୍ରେନ୍

ୟୁକ୍ରେନ୍‌ରେ ଯୁଦ୍ଧ ବନ୍ଦ କରିବା ଲାଗି ମିଳିତ କୂଟନୈତିକ ପଦକ୍ଷେପ, ୟୁକ୍ରେନ୍‌କୁ ସହାୟତା ଏବଂ ରୁଷ୍ ଉପରେ ଚାପ ପ୍ରୟୋଗ ଆବଶ୍ୟକ ବୋଲି ଅନେକ ୟୁରୋପୀୟ ନେତା କହିଛନ୍ତି । ଏକ ମିଳିତ ଘୋଷଣାନାମାରେ ଫ୍ରାନ୍‌ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍, ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଜର୍ମାନ୍‌ର ଫ୍ରେଡେରିଜ୍ ମର୍ଜ, ପୋଲାଣ୍ଡ୍‌ର ଡୋନାଲଡ୍ ଟସ୍କ, ବ୍ରିଟେନ୍‌ର କିର୍ ଷ୍ଟାର୍ମର୍, ଫିନ୍‌ଲାଣ୍ଡର ଆଲେକ୍‌ଜାଣ୍ଡାର ଷ୍ଟବ୍ ଏବଂ ୟୁରୋପୀୟ ସଂଘର ଅଧ୍ୟକ୍ଷ ଉର୍ସୁଲା ଭନ୍ ଦେର୍ ଲେୟନ୍ ସ୍ୱାକ୍ଷର କରିଛନ୍ତି । ଏଥିରେ କୁହାଯାଇଛି, ୟୁକ୍ରେନ୍‌ରେ ହତ୍ୟା ବନ୍ଦ କରିବା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ୍‌ଙ୍କ ପଦକ୍ଷେପକୁ ସେମାନେ ସ୍ୱାଗତ କରିଛନ୍ତି ।

ୟୁକ୍ରେନ୍‌କୁ ସାମରିକ ଏବଂ ଆର୍ଥିକ ସହାୟତା ଯୋଗାଇଦେବା କ୍ଷେତ୍ରରେ ମିଳିତ ଭାବେ କୂଟନୈତିକ କ୍ଷେତ୍ରରେ ବୁଝାମଣା କରାଯିବ ।

## ଚୀନ୍-ଇଣ୍ଡିଆ ଏସ୍‌ସିଓ ମିଟିଂ

ଚଳିତ ମାସ ୩୧ ତାରିଖରୁ ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଗଦାନକୁ ଚୀନ୍ ସ୍ୱାଗତ କରିଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୋ ଜିଆକୁନ୍ କହିଛନ୍ତି, ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଏହି ସମ୍ମିଳନୀରେ ଯୋଗଦାନ ହେଉଛି ବନ୍ଧୁତ୍ୱ, ଏକତା ଓ ଦୃଢ଼ତାର ପ୍ରତିଫଳନ । ସୂଚନାଯୋଗ୍ୟ ୨୦୦୧ ମସିହା ଜୁନ୍ ୧୫ ତାରିଖରେ ସାଂଘାଇ ଠାରେ ଏହି ସ୍ଥାୟୀ ଆନ୍ତଃ ସରକାରୀ ଆନ୍ତର୍ଜାତିକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଭାରତ, ଇରାନ୍, କାଜାକାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି ।

# ୱାର୍ଲଡ୍ ଲାୟନ୍ ଡେ

ସାରା ବିଶ୍ୱରେ ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ଗୁଜରାଟ ଏସୀୟ ସିଂହଙ୍କ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରମୁଖ ମାଇଲ୍‌ଖୁଣ୍ଟ ଭାବରେ ଉଭା ହୋଇଛି । ପୋର୍ ବନ୍ଦର ନିକଟରେ ଥିବା ବରଦା ବନ୍ୟପ୍ରାଣୀ ଅଭୟାରଣ୍ୟ ପରିବେଶଗତ ପୁନରୁଦ୍ଧାର ଏବଂ ଗୋଷ୍ଠୀ ପରିଚାଳିତ ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୨୫ ମସିହା ସିଂହଗଣନାରେ ଗୁଜରାଟ୍‌ରେ ୮୯୧ଟି ସିଂହ ରହିଥିବା ରେକର୍ଡ଼ କରାଯାଇଛି ।

ଦ୍ୱିତୀୟ ଆବାସସ୍ଥଳୀ ଭାବେ ପରିଚିତ ବରଦା ବନ୍ୟପ୍ରାଣୀ ଅଭୟାରଣ୍ୟରେ ୧୭ଟି ସିଂହ ଏବଂ ୨୫ଟି ଚିତାବାଘ ରହିଥିବା ଜଣାପଡ଼ିବା ପରେ ଏହା ପରିବେଶଗତ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ଆହୁରି ସକ୍ରିୟ କରିଛି । ବନ ବିଭାଗଦ୍ୱାରା ରେଡ଼ିଓ କଲାର ବ୍ୟବହାର ଏବଂ ବାସ୍ତବ ସମୟର ଟ୍ରାକିଂ ଯୋଗୁଁ ସିଂହ ସଂରକ୍ଷଣ ପ୍ରକ୍ରିୟା ପ୍ରଭାବଶାଳୀ ହୋଇଛି । ସ୍ଥାନୀୟ ପଶୁପାଳକମାନଙ୍କ ଭୂମିକା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ପରିବେଶ ପର୍ଯ୍ୟଟନକୁ ଅଭିବୃଦ୍ଧି କରିବାରେ ଆହୁରି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଅଭୟାରଣ୍ୟ ଭାରତର ସମନ୍ୱିତ ବିକାଶ, ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି । ଏକ ରିପୋର୍ଟ......

## ଆଷ୍ଟ୍ରୋନଟସ୍ - ନାସା

ମହାକାଶଯାନ ସ୍ପେସ୍ଏକ୍ସ ସୁରକ୍ଷିତ ଭାବେ ୪ ଜଣ ମହାକାଶଚାରୀଙ୍କୁ ପୃଥିବୀକୁ ଫେରାଇ ଆଣିଛି । ଆମେରିକା, ଜାପାନ ଏବଂ ରୁଷ୍ ମହାକାଶଚାରୀ ମହାକାଶରେ ପ୍ରାୟ ୧୪୮ ଦିନ ବିତାଇବା ପରେ ପୃଥିବୀ ପୃଷ୍ଠକୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ନାସା ମହାକାଶଚାରୀ ଆନ୍ ମ୍ୟାକ୍‌ଲେନ୍, ନିକୋଲ୍ ଆୟସ୍, ଟାକୁଆ ଓନିଶି ଏବଂ କିରିଲ୍ ପେସ୍‌କୋଭ୍ ଏହି ମହାକାଶ ଅଭିଯାନର ନେତୃତ୍ୱ ନେଇଥିଲେ । ଗତକାଲି ୪ ଜଣିଆ କ୍ରୁ ସଦସ୍ୟଙ୍କୁ ନେଇ ସ୍ପେସ୍ଏକ୍ସ ଡ୍ରାଗନ୍ ମହାକାଶଯାନ କାଲିଫର୍ଣ୍ଣିଆର ସାନ୍ ଡିଏଗୋ ଉପକୂଳରେ ଅବତରଣ କରିଥିଲା । ସମ୍ପୃକ୍ତ ମହାକାଶଚାରୀମାନେ ଅନ୍ତର୍ଜାତୀୟ ମହାକାଶକେନ୍ଦ୍ରରେ ମହାକାଶଜନିତ ମାନସିକ ଏବଂ ଶାରୀରିକ ପରିବର୍ତ୍ତନ, ରକ୍ତପ୍ରବାହ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଅଧ୍ୟୟନ କରିଥିଲେ ।

## ବାଂଲାଦେଶ - ପାର୍ଲାମେଣ୍ଟାରୀ ଇଲେକ୍‌ସନ୍

ବାଂଲାଦେଶର ମୁଖ୍ୟ ନିର୍ବାଚନ କମିଶନର ଏ.ଏମ୍.ଏମ୍. ନସିରୁଦ୍ଦିନ୍ କହିଛନ୍ତି, ତ୍ରୟୋଦଶ ଜାତୀୟ ସଂସଦ ନିର୍ବାଚନ ଆସନ୍ତାବର୍ଷ ଫେବୃୟାରୀ ମାସର ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହେବ । ନିର୍ବାଚନର ୨ ମାସ ପୂର୍ବରୁ ଅର୍ଥାତ୍

ଚଳିତ ବର୍ଷ ଡିସେମ୍ବର ପ୍ରାରମ୍ଭରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବାର ସମ୍ଭାବନା ରହିଛି । ପ୍ରଶାସନିକ ବୈଠକ ପରେ ନିର୍ବାଚନ କମିଶନର ଗଣମାଧ୍ୟମକୁ କହିଛନ୍ତି, ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଢଙ୍ଗରେ ପରିଚାଳନା କରିବା ଲାଗି କମିଶନ ବିଭାଗୀୟ ଏବଂ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ସହ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ବାଂଲାଦେଶରେ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ପାଇଥିବା ସେ ସ୍ୱୀକାର କରିଛନ୍ତି । ସେ କହିଛନ୍ତି, ଲୋକମାନଙ୍କ ବିଶ୍ୱାସ ଫେରାଇ ଆଣିବା ଏବଂ ଭୋଟର୍‌ମାନେ ଯେଭଳି ମତଦାନ କେନ୍ଦ୍ରକୁ ଆସି ଭୋଟ୍‌ଦାନ କରିବେ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି । ମୁକ୍ତ, ନିରପେକ୍ଷ ଏବଂ ସ୍ୱଚ୍ଛ ନିର୍ବାଚନ ନିମନ୍ତେ କମିଶନ ସମସ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି ।

ଗତ ୪ ତାରିଖରେ ବାଂଲାଦେଶ ନିର୍ବାଚନ ଆୟୋଗ ଆଜି ଡ୍ରାଫ୍‌ଟ ଭୋଟର ତାଲିକା ପ୍ରକାଶିତ ହେବା ନେଇ ଘୋଷଣା କରିଥିଲେ । ଆବଶ୍ୟକ ସଂଶୋଧନ ହେବା ପରେ ଅଗଷ୍ଟ ୩୧ ତାରିଖରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡ଼ିଛି ।

## ଫୁଟ୍‌ବଲ - ଡୁରାଣ୍ଡ କପ୍

ମୋହନ ବାଗାନ୍ ସୁପରଜାଏଣ୍ଟ’ ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର କ୍ୱାର୍ଟର୍ ଫାଇନାଲ୍‌କୁ ଉନ୍ନୀତ ହୋଇଛି । ସଲ୍‌ଟ୍ ଲେକ୍‌ର ଯୁବଭାରତୀ କ୍ରୀଡ଼ାଙ୍ଗନରେ ଗତକାଲି ଅନୁଷ୍ଠିତ ଗ୍ରୁପ୍-ବି’ର ଶେଷ ଲିଗ୍

ମ୍ୟାଚ୍‌ରେ ମୋହନ ବାଗାନ୍ ୫-୧ ଗୋଲରେ ଡାଇମଣ୍ଡ ହାର୍ବର୍ ଫୁଟ୍‌ବଲ୍ କ୍ଲବ୍‌କୁ ପରାସ୍ତ କରିଛି । ମୋହନ ବାଗାନ୍ ପକ୍ଷରୁ ଅନିରୁଦ୍ଧ ଥାପ୍ପା, ଜେମି ମ୍ୟାକ୍‌ଲାରେନ୍, ଲିଷ୍ଟନ୍ କୋଲାସୋ, ସହଲ ଅବଦୁଲ୍ ସାମଦ୍ ଏବଂ ଜେସନ୍ କୁମିଙ୍ଗ୍‌ସ ଗୋଲ୍ କରିଥିବାବେଳେ ଡାଇମଣ୍ଡ ହାର୍ବର ପକ୍ଷରୁ ଲୁକା ମାଜ୍‌ସେନ୍ ଗୋଟିଏ ଗୋଲ୍ କରିଥିଲେ ।

## ବିହାର ରଗ୍‌ବି

ବିହାରର ରାଜଗିରି ଠାରେ ୨୦ ବର୍ଷରୁ କମ୍ ଏସୀୟ ରଗ୍‌ବି ଚାମ୍ପିୟନ୍‌ସିପ୍ ମ୍ୟାଚ୍ ଗତକାଲିଠାରୁ ଆରମ୍ଭ ହୋଇଛି । ଅନୁଷ୍ଠିତ ପ୍ରାରମ୍ଭିକ ମ୍ୟାଚ୍‌ରେ ପୁରୁଷ ବର୍ଗରେ ଶ୍ରୀଲଙ୍କା ହଂକଂକୁ ପରାସ୍ତ  କରିଛି । ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଭାରତ' ୟୁ.ଏ.ଇ.କୁ ପରାସ୍ତ କରି ୨୪ ପଏଣ୍ଟ ହାସଲ କରିଛି । ଅନ୍ୟ ଏକ ପୁରୁଷବର୍ଗ ମ୍ୟାଚ୍‌ରେ ଶ୍ରୀଲଙ୍କା ଆୟୋଜକ ଭାରତକୁ ହରାଇ ଦେଇଛି ।

ଅନ୍ୟ ପକ୍ଷରେ ମହଳା ବର୍ଗର ପ୍ରଥମ ମ୍ୟାଚ୍‌ରେ ଭାରତ କାଜାଖସ୍ତାନକୁ ପରାସ୍ତ କରିଛି ।

*****